# ଅନ ଲାଇନ ଚଏସ ଫିଲିଙ୍ଗ କିପରି କରିବେ ?

## (1) କେଉଁ ମାନେ ଅନ ଲାଇନ ଚଏସ ଫିଲିଙ୍ଗ କରି ପାରିବେ ?

ଯେଉଁ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ଡକୁମେଣ୍ଟ ଭେରିଫିକେସନ କରାଇଥିବେ ଏବଂ ସେମାନଙ୍କର ଦରଖାସ୍ତ ବୈଧ ଥିବ, ଓ ସେମାନେ ମେରିଟ ଲିଷ୍ଟ ରେ ଥିବେ , କେବଳ ସେମାନେ ନିଜ ପସନ୍ଦ ମୁତାବକ ଅନ ଲାଇନ ଚଏସ ଫିଲିଙ୍ଗ କରି ପାରିବେ | ଏତଦ ବ୍ୟତୀତ ଅନ୍ୟ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ଚଏସ ଫିଲିଙ୍ଗ କରିପାରିବେ ନାହିଁ |

## (2) ଅନ ଲାଇନ ଚଏସ ଫିଲିଙ୍ଗ କରିବା ପାଇଁ କଣ କଣ ଆବଶ୍ୟକ ?

ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଅନ ଲାଇନ ଚଏସ ଫିଲିଙ୍ଗ କରିବା ପୂର୍ବରୁ ସେମାନେ ସେମାନଙ୍କର ନାମ ମେରିଟ ଲିଷ୍ଟ ରେ ଆସିଛି କି ନାହିଁ ଦେଖି ନିଅନ୍ତୁ | ତାପରେ ସେମାନେ ସେମାନଙ୍କର ଅନଲାଇନ ରେଜିଷ୍ଟ୍ରେସନ ବେଳେ ଦେଇଥିବା ନିଜର ଇ-ମେଲ ଆଇଡି ଓ ପାସୱାର୍ଡ଼ କୁ ଦେଇ ଲଗ ଇନ କରନ୍ତୁ |

ଯଦି କୌଣସି ପ୍ରାର୍ଥୀ / ପ୍ରାର୍ଥୀନୀ ଅନଲାଇନ ରେଜିଷ୍ଟ୍ରେସନ ବେଳେ ଦେଇଥିବା ନିଜର ଇ-ମେଲ ଆଇଡି ଓ ପାସୱାର୍ଡ଼ କୁ ଭୁଲି ଯାଇ ଥାନ୍ତି , ତେବେ ସେମାନେ ନିମ୍ନୋକ୍ତ ଇ-ମେଲ ଆଇଡି କୁ ନିଜର ଇ-ମେଲ ଆଇଡି ରୁ ମେଲ କରନ୍ତୁ ଏବଂ ସେମାନଙ୍କର ପାସୱାର୍ଡ଼ ସେମାନଙ୍କର ରେଜିଷ୍ଟ୍ରେସନ ବେଳେ ଦେଇଥିବା ନିଜର ଇ-ମେଲ ଆଇଡି କୁ 1 ଘଣ୍ଟା ପରେ ପଠେଇ ଦିଆଯିବ | ଯଦି କୌଣସି ପ୍ରାର୍ଥୀ / ପ୍ରାର୍ଥୀନୀ ଅନଲାଇନ ରେଜିଷ୍ଟ୍ରେସନ ବେଳେ ଦେଇଥିବା ନିଜର ଇ-ମେଲ ଆଇଡି ଭୁଲ ବଶତଃ ଅନ୍ୟ କାହାର

ଦେଇଥାନ୍ତି , ବା ଭୁଲ ଦେଇଥାନ୍ତି, ତେବେ ସେମାନେ ଚାହିଁଲେ ସେମାନଙ୍କର ରେଜିଷ୍ଟ୍ରସନ କରିଥିବା ଇ-ମେଲ ଆଇଡି ଓ ପାସୱାର୍ଡ଼ , ସେମାନଙ୍କର ରେଜିଷ୍ଟ୍ରସନ କରିଥିବା ମୋବାଇଲ ନମ୍ବର କୁ ପଠେଇଦିଆଯିବ | ଯଦି ସେମାନଙ୍କର ରେଜିଷ୍ଟ୍ରସନ କରିଥିବା ମୋବାଇଲ ନମ୍ବର ଟି  ଡି. ଏନ . ଡି (ଡୁ ନଟ ଡିଷ୍ଟର୍ବ) ରେ ଥିବା , ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି |

e-mail id - **dmethelpline@gmail.com**

Mob No/ Whatsapp- **07873040400**

ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଅନ ଲାଇନ ଚଏସ ଫିଲିଙ୍ଗ ର ନିର୍ଧାରିତ ସମୟ ଶେଷ ହେବାର ର ଅତିକମ୍ ରେ  2 ଘଣ୍ଟା ପୂର୍ବରୁ ନିଜର ଇ-ମେଲ ଆଇଡି ଓ ପାସୱାର୍ଡ଼ ରେ ଲଗ ଇନ କରନ୍ତୁ ଏବଂ ଯଦି ଲଗ ଇନ କରିବାରେ ଅସୁବିଧା ର ସମ୍ମୁଖୀନ ହୁଅନ୍ତି , ତେବେ ଯଥା ଶୀଘ୍ର ଉପରୋକ୍ତ ଇ-ମେଲ ଆଇଡି କୁ ନିଜର ଇ-ମେଲ ଆଇଡି ରୁ ମେଲ କରନ୍ତୁ | କାରଣ ଶେଷ ମୁହୂର୍ତ ରେ ଯଦି କୌଣସି ଅନିବରଜନୀୟ କାରଣ ପାଇଁ ସେମାନେ ସେମାନଙ୍କର ଇ-ମେଲ ଆଇଡି ଓ ପାସୱାର୍ଡ଼  ନପାନ୍ତି ବା ସେମାନଙ୍କର ଚଏସ ଫିଲିଙ୍ଗ କରିପାରିବେ ନାହିଁ , ତେବେ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ  ରହିବେ ନାହିଁ |

(3) ଅନ ଲାଇନ ଚଏସ ଫିଲିଙ୍ଗ କିପରି କରିବେ ?

ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଅନଲାଇନ ରେଜିଷ୍ଟ୍ରସନ ବେଳେ ଦେଇଥିବା ନିଜର ଇ-ମେଲ ଆଇଡି ଓ ପାସୱାର୍ଡ଼ କୁ ଦେଇ ଲଗ ଇନ କରିବା ପରେ ସେମାନଙ୍କୁ ଏକ ୱେବ ପେଜ ଆସିବ | ଯାହାର ଉପରୋକ୍ତ ଭାଗରେ ପ୍ରାର୍ଥୀ / ପ୍ରାର୍ଥୀନୀ

ମାନଙ୍କର ଆବେଦନ କରିଥିବା ବେଳର ନାମ (Welcome ...........Candidate Name ) ଏବଂ ବାମ ପାର୍ଶ୍ୱ ରେ କିଛି ବିକଳ୍ପ ତଥ୍ୟ ପ୍ରଦର୍ଶିତ ଥିବ (Home, Choices Available, Choice Filing, Lock Choices, Print Locked Choices, Seat Allotment , Download)| ଏବଂ ବାମ ପାର୍ଶ୍ୱ ରେ ଥିବା (Home) ଉପରେ କ୍ଲିକ କଲେ କିଛି ତଥ୍ୟ ପ୍ରଦର୍ଶିତ ହେବ (ସେମାନଙ୍କର ନାମ, ପିତା ଙ୍କ ନାମ , ଜନ୍ମ ତାରିଖ ଇତ୍ୟାଦି )| ବାମ ପାର୍ଶ୍ୱ ରେ ଥିବା (Choice Available) ଉପରେ କ୍ଲିକ କଲେ, ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ସେମାନଙ୍କର ପାଇଁ ପ୍ରଯୁଜ୍ୟ ଥିବା ସିଟ ଓ କଲେଜ ନାମ ଓ କୋଡ ବର୍ଗ ର ସିଟ ଓ କେତୋଟି ସିଟ ସବୁ ଦେଖେଇବ | ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଏଠାରେ ଦେଖାଉଥିବା ସିଟ ଓ ନୋଟୋଫିକେସନ ରେ ଦିଆଯାଇଥିବା ସିଟ ଗୁଡିକୁ ମିଳାଇ ନିଅନ୍ତୁ ଓ ଯଦି ଉଭୟ ମଧରେ କିଛି ପାର୍ଥକ୍ୟ ଥାଏ , ତେବେ ଉପରୋକ୍ତ ମୋବାଇଲ ନମ୍ବର ରେ ଅଭିଯୋଗ କରନ୍ତୁ |

- ବାମ ପାର୍ଶ୍ୱ ରେ ଥିବା (Choice Filling) ଉପରେ କ୍ଲିକ କଲେ, ନିମ୍ନ ଭାଗରେ, (Under Total Available Choices) ବାମ ପାର୍ଶ୍ୱରେ ,ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ସେମାନଙ୍କର ପାଇଁ ପ୍ରଯୁଜ୍ୟ ଥିବା ସମୁଦାୟ ସିଟ ଓ କଲେଜ ନାମ ଓ କୋଡ ବର୍ଗ ର ସିଟ ଓ କେତୋଟି ସିଟ ସବୁ ଦେଖେଇବ | ଓ ତାର ବାମ ପାର୍ଶ୍ୱରେ ଏକ ଯୁକ୍ତ (ପ୍ଲସ) ସଙ୍କେତେ ଥିବାର ଦେଖିପାରିବେ | ଡାହାଣ ପାର୍ଶ୍ୱରେ (Total Submitted Choice) ଖାଲି ଥିବା ଦେଖିବାକୁ ପାଇବେ |

- ଏଠାରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ସେମାନଙ୍କର ମନ ପସନ୍ଦ ମୁତାବକ ସିଟ ଓ କଲେଜ ନାମ ଓ କୋଡ଼ ବର୍ଗ ର ବିପକ୍ଷ ରେ ବାମ ପାର୍ଶ୍ବରେ ଥିବା ଯୁକ୍ତ (ପ୍ଲସ) ସଙ୍କେତେ ଉପରେ କ୍ଲିକ କରିବାକୁ ପଡିବ | ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ବାମ ପାର୍ଶ୍ବରେ ଥିବା ଯୁକ୍ତ (ପ୍ଲସ) ସଙ୍କେତେ ଉପରେ କ୍ଲିକ କଲା ପରେ ଦେଖିବାକୁ ପାଇବେ ଯେ କ୍ଲିକ କରିଥିବା (ପସନ୍ଦ କରିଥିବା) ବିକଳ୍ପ ଟି ବର୍ତମାନ ଡାହାଣ ପାର୍ଶ୍ବରେ ଅବସ୍ଥିତ ଥିବ | ଏହିପରି ଭାବରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ମନ ପସନ୍ଦ ମୁତାବକ ସିଟ ଓ କଲେଜ ନାମ ଓ ବର୍ଗ ର ନାମକୁ ଗୋଟିଏ ପରେ ଗୋଟିଏ କରି ଡାହାଣ ପାର୍ଶ୍ୱ କୁ ନେଇଯାଆନ୍ତୁ | ଏବଂ ନିଜର ପସନ୍ଦ ମୁତାବକ କ୍ରମାନ୍ୱୟରେ ରଖନ୍ତୁ | ମାନେ  ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଦେଖିବାକୁ ପାଇବେ ଯେ ଡାହାଣ ପାର୍ଶ୍ୱ ରେ ସେମାନଙ୍କର ମନପସନ୍ଦ ର କ୍ରମିକ (Choice Number) ନମ୍ବର ଯେମିତି ବଦଳି ନ ଯାଏ | ଯଦି କୌଣସି ପସନ୍ଦ କୁ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ  ସେମାନଙ୍କର କ୍ରମିକ ରେ ବଦଳାଇବାକୁ ଚାଁହୁଥାନ୍ତି , ତେବେ ସେମାନେ କ୍ରମିକ ନମ୍ବର ର ବାମ ପାର୍ଶ୍ୱ ରେ ଥିବା ଉପର ମୁହଁ (Upward arrow) ବା ତଳ ମୁହଁ ତୀର (Downward arrow) ଚିହ୍ନ କୁ ବ୍ୟବହାର କରି କ୍ରମିକ ନମ୍ବର ରେ ପରିବର୍ତନ ଆଣି ପାରିବେ | କିମ୍ବା ପସନ୍ଦ ଟିକୁ ବାଦ ଦେବାକୁ ଚାଁହୁଥିଲେ, ବାମ ପାର୍ଶ୍ୱ ରେ ଥିବା ଛକି ସଂକେତ କୁ କ୍ଲିକ କରିପାରିବେ | ଏବଂ ପ୍ରତି  ଅନ ଲାଇନ ଚଏସ କରିଲାପରେ ଉପରେ ଥିବା ଏକ ସେଭ ବଟନ କ୍ଲିକ କରିବେ |

- ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ନିଜ ନିଜର ଅନ ଲାଇନ ଚଏସ ଫିଲିଙ୍ଗ କରି ସରିଲା ପରେ ଏବଂ ସେଗୁଡିକୁ ସେଭ କରି ସରିଲା ପରେ ବାମ ପାର୍ଶ୍ୱ ରେ ଥିବା ଲକ ଚଏସ (Lock Choice) ବା ଉପରେ ଥିବା କଣ୍ଟିନ୍ୟୁ (Continue) ବଟନ କ୍ଲିକ କରିବେ |
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ପରବର୍ତ୍ତୀ ୱେବ ପେଜ ଆସିବା ଯେଉଁଥିରେ କି ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଏକ ଘୋଷଣା ପତ୍ର ରେ ଏକମତ ହେବାପାଇଁ ଅନୁମତି ପ୍ରଦାନ କରିବେ | (Declaration before Choice Locking) ଯେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଏକଦା ଚଏସ ଲକ କଲା ପରେ କଦାପି ତାକୁ କୌଣସି ହାଲତ ରେ ବଦଳାଇ ପାରିବେ ନାହିଁ ବା ସେଇଥିପାଇଁ ଅନୁରୋଧ ବି କରିପାରିବେ ନାହିଁ | ଏବଂ ଘୋଷଣା ପତ୍ର ଟି ପାଠ କରିସାରିଲା ପରେ ଘୋଷଣା ପତ୍ର ର ନିମ୍ନ ରେ ଥିବା ଏକ ଗୋଲାକାର ବଟନ (I Agree to Lock My Choices) କୁ କ୍ଲିକ କରିବେ ଯାହାର ଅର୍ଥ ହେଲା କି ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଘୋଷଣା ପତ୍ର ସହ ସହମତ |
- ଏହାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ସେମାଙ୍କର ରେଜିଷ୍ଟ୍ରସନ ବେଳେ ଦେଇଥିବା ପାସୱାର୍ଡ଼ କୁ ଦେବାକୁ ପଡିବ ଏବଂ ଯଦି ପାସୱାର୍ଡ଼ ସମାନ ଥାଏ , ତେବେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କର ଚଏସ ଟି ଲକ ହେଇଯିବ | ଯଦି କୌଣସି କ୍ଷେତ୍ର ରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ଚଏସ ଟି ଲକ କରିପାରିବାରେ ଅସୁବିଧା ର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ସେମାନଙ୍କର ଚଏସ ଟି କୁ କେବଳ ସେଭ କରି ଛାଡିଦେଇପାରନ୍ତି ଏବଂ

ସେଭଳି କ୍ଷେତ୍ରରେ ନିର୍ଦ୍ଧାରିତ ସମୟ ପରେ ଚଏସ ଟି ସ୍ୱୟଂଚାଳିତ ପ୍ରକ୍ରିୟା ରେ ଲକ ହେଇଯିବ | ମାତ୍ର ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଚଏସ ସେଭ କରିନଥିବେ ତେବେ ସ୍ୱୟଂଚାଳିତ ପ୍ରକ୍ରିୟା ରେ ଚଏସ ଲକ ହୋଇପାରିବ ନାହିଁ ଓ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ |

- ବେଳେ ବେଳେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ସେମାନଙ୍କର ଚଏସ ଟି ଲକ କଲା ବେଳକୁ ରେଜିଷ୍ଟ୍ରସନ ବେଳେ ଦେଇଥିବା ପାସୱାର୍ଡ଼ ଦେଲାପରେ ମଧ୍ୟ ଚଏସ ଲକ ହେଇପାରେ ନାହିଁ କାରଣ ଚଏସ ଲକ ବେଳେ ରେଜିଷ୍ଟ୍ରସନ ବେଳେ ଦେଇଥିବା ପାସୱାର୍ଡ଼ ସମାନ ଥିଲେ ମଧ୍ୟ ଯଦି କୌଣସି କାରଣବଶତଃ ସମାନ ନଥାଏ ମାନେ ଅକ୍ଷର ଯଦି ବଡ ବା ସାନ ଓଲଟା ହେଇଯାଏ , ତେବେ ସେହିଭଳି ଭାବରେ ପାସୱାର୍ଡ଼ ଦେବାକୁ ପଡିବ | ଅର୍ଥାତ (aBCd@e ଓ AbcD@E) ସମାନ ନୁହନ୍ତି | ଏବଂ ଏପରି କ୍ଷେତ୍ରରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ଅତିକମ୍ ରେ 2 ଘଣ୍ଟା ପୂର୍ବରୁ ନିଜର ଇ-ମେଲ ଆଇଡି ଓ ପାସୱାର୍ଡ଼ ପାଇଁ ଉପରୋକ୍ତ ଇ-ମେଲ ଆଇଡି କୁ ନିଜର ଇ-ମେଲ ଆଇଡି ରୁ ମେଲ କରନ୍ତୁ |
- ତାପରେ ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଲକ ମାଇଁ ଚଏସ ବଟନ କୁ କ୍ଲିକ କରି ଚଏସ ଲକ କରନ୍ତୁ ଏବଂ ତାପରେ ବାମ ପାର୍ଶ୍ୱ ବା ପରବର୍ତୀ ପୃଷ୍ଠା ରେ ଥିବା (Print Locked Choice) କୁ କ୍ଲିକ କରି ଲକ କରିଥିବା ଚଏସ ଗୁଡିକ ର ଏକ କପି ପ୍ରିଣ୍ଟ ନିଜ ପାଖରେ ରଖନ୍ତୁ | ଏବଂ ବାମ ପାର୍ଶ୍ୱରେ ଥିବା ଲଗ ଆଉଟ ବଟନ କୁ କ୍ଲିକ କରି ଚଏସ ଫିଲିଙ୍ଗ ଏବଂ ଲକିଂ କୁ ସମାପ୍ତ କରନ୍ତୁ |

## (4) ଅନ ଲାଇନ ଚଏସ ଫିଲିଙ୍ଗ  ପରେ କଣ କରିବେ ?  ବା ଆଲଟମେଣ୍ଟ କେବେ ମିଳିବ କେମିତି ଜାଣିବେ ?

- ପ୍ରାର୍ଥୀ / ପ୍ରାର୍ଥୀନୀ ମାନେ ଅନ ଲାଇନ ଚଏସ ଫିଲିଙ୍ଗ ଓ ଲକିଂ କରି ସରିଲା ପରେ ନିର୍ଦ୍ଧାରିତ ତାରିଖ ଓ ସମୟ ପରେ (ଆଲଟମେଣ୍ଟ ଡାଉନଲୋଡ କରିବା ତାରିଖ ଦିନ) ପୁଣି ଥରେ ସେମାନଙ୍କର ଅନଲାଇନ ରେଜିଷ୍ଟ୍ରସନ ବେଳେ ଦେଇଥିବା ନିଜର ଇ-ମେଲ ଆଇଡି ଓ ପାସୱାର୍ଡ଼ କୁ ଦେଇ ଲଗ ଇନ କରନ୍ତୁ | ଲଗ ଇନ ପରେ ପ୍ରାର୍ଥୀନୀ ମାନେ ବାମ ପାର୍ଶ୍ବରେ ଥିବା ସିଟ ଆଲଟମେଣ୍ଟ ଲିଙ୍କ (Seat Allotment) କୁ କ୍ଲିକ କରନ୍ତୁ | ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ସେମାନଙ୍କର ଦେଇଥିବା ଚଏସ ମଧ୍ଯରୁ କୌଣସି ଚଏସ ଆନୁସାରେ ଆଲଟମେଣ୍ଟ ହୋଇଥାଏ , ତେବେ ସେମାନଙ୍କୁ ଦେଖାଇବ ଓ ସେମାନେ ତାହାର ଏକ କୀତା ପ୍ରିଣ୍ଟ ନେଇ ଆଲଟମେଣ୍ଟ ହୋଇଥିବା ଅନୁଷ୍ଠାନ କୁ ଲେଖାଥିବା ନିର୍ଦ୍ଦେଶାନୁସାରେ ଯାଇ ଯୋଗା ଯୋଗ କରନ୍ତୁ |
- ଯଦି ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ସେମାନେ ଦେଇଥିବା ମନ ପସନ୍ଦ ମୁତାବକ କୌଣସି ଅନୁଷ୍ଠାନ ସେମାନଙ୍କର ମେରିଟ ଅନୁସାରେ ନମିଳେ, ତେବେ ସେମାନଙ୍କୁ କୌଣସି ଆଲଟମେଣ୍ଟ ଦେଖାଇବା ନାହିଁ |
- ଆଲଟମେଣ୍ଟ ଟି ସମ୍ପୂର୍ଣ ଭାବରେ ମେରିଟ ଓ ଦେଇଥିବା ଚଏସ ଏବଂ ବଳକା ଥିବା ସିଟ ଉପରେ ନିର୍ଭର କରେ | ଯଦି କୌଣସି କ୍ଷେତ୍ରରେ ନିମ୍ନରେ ଥିବା ମେରିଟ ରେ ପ୍ରାର୍ଥୀ / ପ୍ରାର୍ଥୀନୀ ଙ୍କୁ କୌଣସି ଆଲଟମେଣ୍ଟ ହେଇଥାଏ, ଯାହାକି ଉପରେ ଥିବା ମେରିଟ ରେ କୌଣସି ପ୍ରାର୍ଥୀ /

ପ୍ରାର୍ଥୀନୀ ଙ୍କ ଚଏସ ଥାଏ ଏବଂ ତାଙ୍କୁ ଆଲଟମେଣ୍ଟ ମିଳିନଥାଏ (ସେହି ବର୍ଗ ଓ ସେହି ଅନୁଷ୍ଠାନ ରେ) ତେବେ ସେମାନଙ୍କୁ ଲିଖିତ ଆକାରରେ ଉପରୋକ୍ତ ଇ-ମେଲ ରେ ଆଲଟମେଣ୍ଟ ବାହାରିବାର 12 ଘଣ୍ଟା ମଧ୍ୟ ରେ ଅଭିଯୋଗ କରିବାକୁ ପଡିବ | ନଚେତ ଅଭିଯୋଗ ଗ୍ରହଣଯୋଗ୍ୟ ହେବ ନାହିଁ |

***(ପ୍ରାର୍ଥୀ / ପ୍ରାର୍ଥୀନୀ ଙ୍କ ସୁବିଧା ନିମନ୍ତେ ନିର୍ଦ୍ଦେଶକ, ଭେଷଜ ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ଦ୍ଵାରା ଜାରି )*